# କିଏ ମିଛୁଆ ?

## ଆମ ଘରର ହାଲଚାଲ

### ସୌମ୍ୟରଂଜନ ପଟ୍ଟନାୟକ

ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଓଡ଼ିଶାର ସ୍ୱାର୍ଥକୁ ନେଇ ବିଭିନ୍ନ ପ୍ରସଙ୍ଗରେ ଏବେଠୁ ଏହି ସ୍ତମ୍ଭରେ ପ୍ରଶ୍ନ ପଚାରିବୁ ବୋଲି କହିଥିଲୁ। ଆଜି ନବୀନବାବୁଙ୍କୁ ଆମେ ଯେଉଁ ପ୍ରଶ୍ନ ପଚାରିବାକୁ ଚାହୁଁଛୁ, ତାହା ଅତ୍ୟନ୍ତ ଗମ୍ଭୀର ଓ ସ୍ପର୍ଶକାତର। ବିଜୁ ଜନତା ସଂସଦୀୟ ଦଳର ନେତା ସାଂସଦ ଭର୍ତ୍ତୃହରି ମହତାବଙ୍କର ମତ ମନ୍ତବ୍ୟକୁ ନେଇ ଆଜିର ଏହି ପ୍ରଶ୍ନ।

କିଛିଦିନ ତଳେ ବିଜେପି ବିରୋଧରେ ବିଜେଡି ଓ କଂଗ୍ରେସର ମେଣ୍ଟ ହେବାର ସମ୍ଭାବନା ସପକ୍ଷରେ ମତଦେଇ ଭର୍ତ୍ତୃହରିବାବୁ ଚର୍ଚ୍ଚାକୁ ଆସିଥିଲେ। ମାନବ୍ୟର ମୁଖ୍ୟମନ୍ତ୍ରୀ କାଳବିଳମ୍ବ ନକରି ଏହାକୁ ଦୃଢ଼ ଭାବରେ ଖଣ୍ଡନ କରିଥିଲେ। ଏ ସପ୍ତାହରେ ଭର୍ତ୍ତୃହରିବାବୁ ମୋର ସହଯୋଗୀ ସାମ୍ବାଦିକ ବନ୍ଧୁଙ୍କ ସହିତ ଦୀର୍ଘ ମନଖୋଲା ଆଲୋଚନା କରି କିଛି କଥା କହିଛନ୍ତି ଏବଂ ତାକୁ ନେଇ ହେଉଥିବା ବିବାଦ ଏବଂ ଚର୍ଚ୍ଚା ସମ୍ପର୍କରେ ନିଜ ପକ୍ଷ ରଖିଛନ୍ତି। କେଉଁ ପରିସ୍ଥିତିରେ ଏବଂ କାହାର ଇଙ୍ଗିତରେ ସେ ଏପରି ବକ୍ତବ୍ୟ ରଖିଥିଲେ ତାହା ମଧ୍ୟ ଉଲ୍ଲେଖ କରିଛନ୍ତି। ଭର୍ତ୍ତୃହରିବାବୁଙ୍କର ସାମ୍ବାଦିକ ବନ୍ଧୁଙ୍କ ସହିତ ମନଖୋଲା ଆଲୋଚନାର କଥାବସ୍ତୁ 'ସମ୍ବାଦ'ରେ ପ୍ରକାଶିତ ହେଲା ପରେ ସ୍ୱାଭାବିକ ଭାବେ ବିଜେଡ଼ି ନେତୃତ୍ୱ ଅଡ଼ୁଆରେ ପଡ଼ିଛି।

ପ୍ରଥମେ ଭର୍ତ୍ତୃହରିବାବୁଙ୍କ ଉପରେ ଚାପ ପକାଇ 'ସମ୍ବାଦ'ରେ ପ୍ରକାଶ ହୋଇଥିବା କଥାଟି ମିଛ ବୋଲି ଖଣ୍ଡନ କରାଗଲା। ଏବେ ଭର୍ତ୍ତୃହରିବାବୁଙ୍କର ବକ୍ତବ୍ୟ ପ୍ରମାଣ ସହିତ ପ୍ରସାରିତ ଏବଂ ପ୍ରକାଶିତ ହେଲାପରେ ଏହା ତାଙ୍କର ବ୍ୟକ୍ତିଗତ ମତ ବୋଲି ନିଜେ ଭର୍ତ୍ତୃହରିବାବୁ ଓ ମୁଖପାତ୍ରମାନେ କହିବାକୁ ଆରମ୍ଭ କଲେଣି। ଭର୍ତ୍ତୃହରିବାବୁ କେବଳ ସଂସଦୀୟ ଦଳର ନେତା ନୁହନ୍ତି, ଗୋଟିଏ ଖବରକାଗଜର ସମ୍ପାଦକ ମଧ୍ୟ। ତାଙ୍କ ପ୍ରତି ମୋର ଯଥେଷ୍ଟ ସମ୍ମାନ ରହିଛି। ସେ ତାଙ୍କୁ ନେଇ ହେଉଥିବା ଚର୍ଚ୍ଚା ସମ୍ପର୍କରେ ମୋର ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲେ। ତେବେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବ୍ୟକ୍ତିଗତ ବ୍ୟାପାରଟି କ'ଣ ହୋଇପାରେ, ତାହା ଆମେ ବୁଝିପାରୁନାହୁଁ। ସଂସଦୀୟ ଦଳର ନେତା ଗଣମାଧ୍ୟମକୁ ଦେଉଥିବା ବକ୍ତବ୍ୟ ବ୍ୟକ୍ତିଗତ ନା ଦଳୀୟ ନା 'ହେଡ୍ ଆଇ ୱିନ୍, ଟେଲ୍ ୟୁ ଲୁଜ୍' ନ୍ୟାୟରେ ଯାହା ସୁବିଧାଜନକ ହେଲା ତାହା ହିଁ ଠିକ୍।

ନବୀନବାବୁଙ୍କ ରାଜନୀତିର ମୂଳମନ୍ତ୍ର ହେଲା କଳେବଳେ କୌଶଳେ, ଫଳେ ପୁଷ୍ପେ ଅବା ପ୍ରହାରେ କେମିତି ଅଧିକ ଭୋଟ ପାଇବା। କୌଣସି ପରିସ୍ଥିତିରେ ସେ ଭୋଟ ହରାଇବାକୁ ପ୍ରସ୍ତୁତ ନୁହନ୍ତି। ଜଣେ ଅଭୂତପୂର୍ବ ସଫଳ ରାଜନେତା ଭାବେ ଏପରି ବିଚାରରେ କୌଣସି ଅସ୍ୱାଭାବିକତା ନାହିଁ। କିନ୍ତୁ ଏହି ଭୋଟ ହାସଲ କରିବା ପାଇଁ ନବୀନବାବୁ ଯେକୌଣସି କୌଶଳକୁ ଆପଣେଇବା ପାଇଁ ପ୍ରସ୍ତୁତ ଅଛନ୍ତି। ମୂଲ୍ୟବୋଧ ସହିତ ସାଲିସ, ସତ୍ୟର ଅପଳାପ, ବୌଦ୍ଧିକ ବିରୋଧାଭାସ ଆଦି କୌଣସି କଥା ତାଙ୍କୁ ବିଚଳିତ କରେ ନାହିଁ। ବିଜୁବାବୁଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ପାଇଁ ଓଡ଼ିଶା ସ୍ୱାର୍ଥର ଜାଗ୍ରତ ପ୍ରହରୀ ସାଜି କେନ୍ଦ୍ରର ଅବହେଳା ବିରୋଧରେ ସ୍ୱର ଉତ୍ତୋଳନ କଥା କହିବା ଏଭଳି କୌଶଳର ଛୋଟ ଛୋଟ ନମୁନା ମାତ୍ର। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଜାତୀୟ ସ୍ତରରେ ବିଜେପି କ୍ଷମତାକୁ ଆସିବା ପରେ ଜନାଧାର ନଥିବା କେତେକ ରାଜ୍ୟରେ ବିଜେପି ନେତାମାନେ କ୍ଷମତାସୀନ ହେବାର ସ୍ୱପ୍ନ ଦେଖିବାରେ କୌଣସି ଅସ୍ୱାଭାବିକତା ନାହିଁ। ସେହିପରି ଦୀର୍ଘଦିନ ଧରି କେନ୍ଦ୍ରର କଂଗ୍ରେସ ସରକାର ବିରୋଧରେ ଅବେହଳାର କଥା କହି ଏକରକମ ଏକଚାଟିଆ କ୍ଷମତା ଉପଭୋଗ କରୁଥିବା ବିଜୁ ଜନତା ଦଳ ପାଇଁ ଏପରି ସମ୍ଭାବନାରେ ଟିକିଏ ଭୟଭୀତ ହୋଇପଡ଼ିବା ମଧ୍ୟ ଅନୁରୂପ ଭାବେ ସ୍ୱାଭାବିକ। ଏହି ରାଜନୈତିକ ବାସ୍ତବିକତାକୁ ସ୍ୱୀକାର କରି ଦଳ ତାର ନିଜର ଭବିଷ୍ୟତ ପାଇଁ ଯଦି ରଣକୌଶଳରେ ପରିବର୍ତ୍ତନ କରେ କିମ୍ବା ନୂଆ ସମୀକରଣ କଥା ଚିନ୍ତା କରେ ତେବେ ସେଥିରେ କାହାର କୌଣସି ଆପତ୍ତି ରହିବା ଉଚିତ ନୁହେଁ। କିନ୍ତୁ ତାହା ନକରି ହାତୀର ଦୁଇଟି ଦାନ୍ତ ପରି-ବିଜେଡ଼ିର ନୀତି ଓ ନିଷ୍ପତ୍ତି ମଧ୍ୟ ଦୁଇ ପ୍ରକାର। ଦେଖାଇବା ପାଇଁ ଗୋଟିଏ ଦାନ୍ତ ଓ ଖାଇବା ପାଇଁ ଅନ୍ୟ ଏକ ଲୁକ୍କାୟିତ ଦାନ୍ତ।

କ୍ରମବର୍ଦ୍ଧିଷ୍ଣୁ ବିଜେପି ଜନାଧାରରେ ଭୟଭୀତ ହୋଇ କଂଗ୍ରେସ ସହିତ ବିଜେଡ଼ି ହାତ ମିଳାଇବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ରାଜନୀତିରେ କେହି ସବୁଦିନ ପାଇଁ କାହାର ଶତ୍ରୁ ହୋଇ ରହନ୍ତି ନାହିଁ। ମନମୋହନ ସିଂହଙ୍କ ସରକାର ସମୟରେ କେନ୍ଦ୍ରର ମନ୍ତ୍ରୀମାନେ ନବୀନଙ୍କ ବିରୋଧରେ କିଛି ନକହି ଓଲଟା ତାଙ୍କୁ ପ୍ରଶଂସା କରିବା, ଚିଟ୍‌ଫଣ୍ଡ ବ୍ୟାପାରରେ ସିବିଆଇକୁ ଏକରକମ ନିଷ୍କ୍ରିୟ କରିଦେବାର ରହସ୍ୟ ଏବେ ବୁଝାପଡୁଛି। ସୋନିଆ ଗାନ୍ଧୀଙ୍କ ପାଇଁ ନବୀନବାବୁଙ୍କର ସମର୍ଥନ ଯେତିକି ଆବଶ୍ୟକ ଥିଲା, ନବୀନବାବୁଙ୍କ ପାଇଁ ମଧ୍ୟ ସୋନିଆଙ୍କର ନିରବ ସମର୍ଥନ ସେତିକି ଜରୁରୀ ହୋଇପଡ଼ିଥିଲା। ଆଜି ସିବିଆଇକୁ ନିଜ ପାଇଁ ଅନୁକୂଳ କରିବାରେ ବିଜେଡ଼ିର ଥଣ୍ଡା ଗରମ ନୀତିରେ ଅସ୍ୱାଭାବିକତା ରହିଲା କେଉଁଠି ?

ଭର୍ତ୍ତୃହରିବାବୁଙ୍କର 'ସମ୍ବାଦ'କୁ ମନଖୋଲା କଥା ଆଉ ଗୋଟିଏ ପ୍ରଶ୍ନ ପ୍ରତି ଆମର ଦୃଷ୍ଟି ଆକର୍ଷଣ କରୁଛି। ଗଣତନ୍ତ୍ରରେ ଗଣମାଧ୍ୟମ ଓ ରାଜନୈତିକ ଦଳର ଭୂମିକା କ'ଣ ହେବା ଉଚିତ? ମାର୍ ମାର୍ ଭଣ୍ଡାରିଆକୁ ମାର୍ ନ୍ୟାୟରେ ଆଜିର ଗଣମାଧ୍ୟମ ଗରିବ ମାଇପ ସମସ୍ତଙ୍କ ଶାଳୀ ପରି ହୋଇଛି। ସାଧାରଣ ଜନତାଙ୍କ ନିକଟରେ ନିଜର କଥାକୁ ପହଞ୍ଚାଇ ନିଜର ଛବିକୁ ସୁନ୍ଦର କରିବା ପାଇଁ ଆମର ନେତାମାନେ ଗଣମାଧ୍ୟମକୁ ବ୍ୟବହାର କରିବାର କୌଣସି ସୁଯୋଗକୁ ହାତଛଡ଼ା କରନ୍ତି ନାହିଁ। ନିଜର ଦୁର୍ନୀତି ଓ ଦୁର୍ବଳତା କିପରି ପ୍ରଘଟ ନହେବ, ସେଥିପାଇଁ ଗଣମାଧ୍ୟମର ମାଲିକ ଓ ସାମ୍ବାଦିକମାନଙ୍କୁ ପ୍ରଲୋଭିତ କରି ହାତେଇବାର ଅନେକ କୌଶଳ ଏମାନଙ୍କୁ ଜଣା। ନିଜର ଛବିକୁ ସୁନ୍ଦର କରୁ କରୁ ଯଦି କେତେବେଳେ ତାହା ବାନ୍ଦରା ହୋଇଗଲା, ସେହି ଗଣମାଧ୍ୟମକୁ ମିଛୁଆ ବୋଲି କହି ନିନ୍ଦିତ କରିବାରେ ଆମ ନେତାମାନେ କୌଣସି ହେଳା କରନ୍ତି ନାହିଁ। ଆମର ଏପରି ଅବସ୍ଥା ପାଇଁ ଆମେ ଗଣମାଧ୍ୟମାନେ ମଧ୍ୟ କିଛି ପରିମାଣରେ ଦାୟୀ। ଆଜିର ବିଜ୍ଞାନ ଓ କାରିଗରୀ କୌଶଳକୁ ମୁଁ ଶତ ନମସ୍କାର କରୁଛି। ପ୍ରଫୁଲ୍ଲ ଘଡ଼େଇଙ୍କର ମୁଖ୍ୟମନ୍ତ୍ରୀଙ୍କ ପ୍ରତି କଟୁ ସମାଲୋଚନାର ରେକର୍ଡ଼ିଂ ଯଦି ଆମ ପାଖରେ ନଥାନ୍ତା କିମ୍ବା ଭର୍ତ୍ତୃହରିବାବୁଙ୍କର ମନଖୋଲା କଥାର ପ୍ରମାଣ ଯଦି ଆମେ ରଖିନଥାନ୍ତୁ, ତାହେଲେ ଆମର ଅବସ୍ଥା ଆଜି କ'ଣ ହୋଇଥାନ୍ତା ? ବିଜେଡ଼ିର ନେତାମାନେ ସାରା ଓଡ଼ିଶାର ଗାଁ ଗଣ୍ଡା ବୁଲି 'ସମ୍ବାଦ'କୁ ମିଛୁଆ ବୋଲି ଗଳାଫଟାଇ କହି ବୁଲିଥାନ୍ତେ। ଆମ ପାଇଁ ଦୁର୍ଭାଗ୍ୟ ହେଲା, ଏହାକୁ ଅନେକ ବିଶ୍ୱାସ ମଧ୍ୟ କରିଥାନ୍ତେ।

ବାକି ରହିଲା ରାଜନୈତିକ ଦଳ କଥା। ବହୁବର୍ଷ ତଳେ ମୁଁ ରାଜନୀତି ବିଜ୍ଞାନର ଛାତ୍ର ଥିଲାବେଳେ ମୋର ଅଧ୍ୟାପକ ମତେ ଯେଉଁ ପାଠ ପଢ଼ାଇଥିଲେ, ତାହାକୁ ମୁଁ ସହଜରେ ଗ୍ରହଣ କରିପାରିନଥିଲି। ଆଜି କିନ୍ତୁ ତାହାର ଗୁରୁତ୍ୱ ଅନୁଭବ କରୁଛି। ସେ କହିଥିଲେ ରାଜତନ୍ତ୍ର ଗଲା ପରେ ଗଣତନ୍ତ୍ର ସିନା ଆସିଲା, କିନ୍ତୁ ଗଣତନ୍ତ୍ରରେ ନୂଆ ରାଜାମାନଙ୍କର ମଧ୍ୟ ଆବିର୍ଭାବ ହେଲା। ଏହି ନୂଆ ରାଜାମାନେ କିଏ ବୋଲି ପଚାରିବାରୁ ରାଜନୈତିକ ଦଳମାନେ ଏହି ନୂଆ ରାଜା ବୋଲି ସେ ମତେ ବୁଝାଇ ଦେଇଥିଲେ। ଏହି ନୂଆ ରାଜାମାନଙ୍କର ଆଚରଣ ପୁରୁଣା ଅତ୍ୟାଚାରୀ ଓ ଅହଂକାରୀ ରାଜାମାନଙ୍କଠାରୁ ଅଧିକ ଭୟଙ୍କର ବୋଲି ମଧ୍ୟ ଚେତାଇ ଦେଇଥିଲେ। ଦଳର ଦଳପତି କୁଆକୁ ଧଳା ବୋଲି କହିଲେ ଟିକେଟ ଓ ଭୋଟ କାଙ୍ଗାଳ ନେତାମାନେ ଆଜି କାହିଁକି କୁଆଟା ଧବଳିଆ ଦେଖାଯାଉଛି ବୋଲି କହିବାକୁ ସଂକୋଚ କରନ୍ତି ନାହିଁ। ସ୍ୱାଧୀନ ମତ ରଖିବାର ଅଧିକାର ଓ ଆଭ୍ୟନ୍ତରୀଣ ଗଣତନ୍ତ୍ରର ଅଭାବ ଆଜି ପ୍ରତ୍ୟେକ ରାଜନୈତିକ ଦଳରେ ଦେହସୁହା କଥା ହୋଇଗଲାଣି। ବିଜେଡ଼ି ବା ଏଥିରୁ ବାଦ୍ ପଡ଼ିବ କାହିଁକି? ଆମେ କିନ୍ତୁ ନବୀନବାବୁଙ୍କୁ ପଚାରିବାକୁ ଥିବା ମୌଳିକ ପ୍ରଶ୍ନଟିକୁ କଦାପି ବାଦ୍ ଦେଇପାରିବୁ ନାହିଁ। ସତ କଥାଟି କ'ଣ ଓ କିଏ ମିଛୁଆ ? ନବୀନବାବୁ, ତାଙ୍କର ସଂସଦୀୟ ଦଳର ନେତା ଭର୍ତ୍ତୃହରିବାବୁ, ଗଣମାଧ୍ୟମରେ ତାଙ୍କର ମନୋନୀତ ପ୍ରବକ୍ତା ପ୍ରତାପ ଦେବ ନା 'ସମ୍ବାଦ'? ଜନସାଧାରଣ ଏହାର ବିଚାର କରିବେ। ମିଛ ମାୟାର ଏ ଶାସନକୁ ଏପରି ବରଦାସ୍ତ କରି ଚାଲିଥିବେ ନା ମହାତ୍ମା ଗାନ୍ଧୀଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ସତ୍ୟାଗ୍ରହୀ ହେବେ ?